

ପ୍ରାତଃକାଳରେ ଶଯ୍ୟାତ୍ୟାଗ କଲାବେଳେ ଏବଂ ରାତ୍ରିରେ ନିଦ୍ରାଗତ ହେବାକୁ ଯିବାବେଳେ ପ୍ରତିଦିନ ଅତି କମ୍‌ରେ ପାଞ୍ଚ ମିନିଟ୍ ପାଇଁ ଭଗବାନଙ୍କୁ ପ୍ରାର୍ଥନା କର।
- ବୁଦ୍ଧଦେବ



## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

କୋରାପୁଟ,୨୨।୯(ସ୍ୱ.ପ୍ର.): କୋରାପୁଟ ଟାଉନ ପୋଲିସ ଶନିବାର ରେଲୱେ ଷ୍ଟେସନ ନିକଟରୁ ୨୪.୮ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସଂପୃକ୍ତ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏସ୍ଆଇ ଆର.କେ. ଦେବତାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ କୋରାପୁଟ ଷ୍ଟେସନ ନିକଟ ରାମେଶ୍ୱର ନଗରଠାରେ ଚଢ଼ାଉ କରିଥିଲେ । ସେଠାରେ ତ୍ରିନାଥ ପାଟନିଆ (୩୪) ନାମକ ଜଣେ ବ୍ୟକ୍ତି ୨ଟି ବ୍ୟାଗ୍‌ରେ ୨୪ କେଜି ୮ଶହ ଗ୍ରାମ ଗଞ୍ଜେଇ ଧରି ଜଗଦଲପୁର ଯିବା ପାଇଁ ହିରାଖଣ୍ଡ ଟ୍ରେନକୁ ଅପେକ୍ଷା କରିଥିଲେ। ଏହି ସମୟରେ ପୋଲିସ ତାଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲା। ଏନେଇ ଥାନାରେ କେସ୍ ନଂ ୧୯୫/୨୦୧୮ରେ ଏକ ମାମଲା ରୁଜୁ କରାଯାଇଛି । ମାଜିଷ୍ଟ୍ରେଟ ଭାବେ ସହକାରୀ ଜିଲାପାଳ ଆଲୋକ ଅନୁଗୁଳିଆଙ୍କ ଉପସ୍ଥିତିରେ ଏହି ଗଞ୍ଜେଇ ଜବତ ହୋଇଥିବା ବେଳେ ଗିରଫ ତ୍ରିନାଥଙ୍କୁ କୋର୍ଟ ଚାଲାଣ କରାଯାଇଛି । ତ୍ରିନାଥଙ୍କ ଘର କୋରାପୁଟ ବ୍ଲକ ଶୁକୁ ଗ୍ରାମରେ ଏବଂ ସେ କିଛିଦିନ ତଳେ ଏହି ଏନ୍‌ଡିପିଏସ୍ ମାମଲାରେ ନବରଙ୍ଗପୁର ଜେଲରୁ ଖଲାସ ହୋଇଥିଲେ ।

### ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ପାଇଁ ପ୍ରସ୍ତୁତି



ଲକ୍ଷ୍ମୀପୁର,୨୨।୯: ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ଏକ ସ୍ମରଣିକା ପ୍ରକାଶନ ପାଇଁ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ, ଗବେଷକ ତଥା ସାହିତ୍ୟିକ ପ୍ରଦୀପ କୁମାର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ନିଜସ୍ୱ ଲେଖା ସମ୍ପର୍କରେ ବୁଝାଇଥିଲେ। ଲକ୍ଷ୍ମୀପୁର ମହାବିଦ୍ୟାଳୟର ଅଧ୍ୟାପକ ପ୍ରକାଶ ସେନାପତି, ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ଦାଶ, ବିଦ୍ୟାଳୟ ସଭାପତି ମୀନକେତନ ନାୟକ ଏଥିରେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ କବିତା, ପ୍ରବନ୍ଧ, ରମ୍ୟ ରଚନା ଲେଖିବା ପାଇଁ ଅନୁପ୍ରାଣିତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହି ନିଜ ମତ ରଖିବା ସହ ସୁବର୍ଣ୍ଣ ଜୟନ୍ତୀର ସଫଳ ରୂପାୟନ ପାଇଁ ଆଲୋଚନା କରିଥିଲେ।

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ଜୟପୁର,୨୨।୯(ନି.ପ୍ର.): ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତ ଯୁବକକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ କିଶୋର ଦଣ୍ଡସେନା (୨୧)। ୧୪ ବର୍ଷର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ତାଙ୍କ ମା' ଯୁବକଙ୍କ ନାମରେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ କେସ୍ ନଂ ୨୬୭/୧୮ରେ ଏକ ମାମଲା ରୁଜୁକରି ଜିଲା ଚିକିତ୍ସାଳୟରେ ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରି ମାଇନା କରାଇଥିଲା। ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍ଆଇ ଶିବଶଙ୍କର ସାହୁ କହିଛନ୍ତି।

### ଚିକିତ୍ସା ଅପେକ୍ଷାରେ ଯକ୍ଷ୍ମା ରୋଗୀ ଗୋରିମଣି



ଦଶମନ୍ତପୁର,୨୨।୯(ଡି.ଏନ.ଏ.) : ଦଶମନ୍ତପୁର ବ୍ଲକ ଦୁଆରଶୁଣି ପଞ୍ଚାୟତ ମୁଣ୍ଡିଗୁଡା ଗ୍ରାମର ରଥି ମୁଦୁଲିଙ୍କ ସ୍ତ୍ରୀ ଗୋରିମଣି (୪୦)। ସେ ୩ ବର୍ଷ ହେବ ଯକ୍ଷ୍ମା ରୋଗରେ ପୀଡ଼ିତା। ତାଙ୍କର ୩ଟି ପୁଅ ଏବଂ ଏକମାତ୍ର ଝିଅ ଅଛନ୍ତି। ପରିବାର ଚଳାଇବା ପାଇଁ ଦମ୍ପତିଙ୍କୁ ଅନ୍ୟର ଗାଈ ଜଗିବାକୁ ପଡ଼େ । ନବରଙ୍ଗପୁର ଜିଲା କାଠରଗଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା ପରେ ଗୋରିମଣିଙ୍କୁ ଯକ୍ଷ୍ମା ହୋଇଥିବା ଜାଣିବାକୁ ପାଇଥିଲେ। ପରିବାର ଲୋକେ ଏହି ଖବର ଶୁଣି ଭାଙ୍ଗିପଡ଼ିଥିଲେ। ତେବେ ସ୍ତ୍ରୀଙ୍କୁ ଚିକିତ୍ସା କରାଇବା ପାଇଁ ଅର୍ଥ କେଉଁଠୁ ଆଣିବେ ବୋଲି ରଥି କହିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

■ 'ପରବ-୨୦୧୮' ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ

# କୋଟିଆର ସ୍ୱର୍ଣ୍ଣ ପାହାଡ଼ରୁ ପଡ଼ିବ ଶୁଭ

କୋରାପୁଟ,୨୨।୯(ସ୍ୱ.ପ୍ର.)



ପ୍ରସ୍ତୁତି ବୈଠକରେ ଜିଲାପାଳ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ଓ ଅନ୍ୟମାନେ।

କୋଟିଆର ସ୍ୱର୍ଣ୍ଣ ପାହାଡ଼ରୁ ଲୋକ ମହୋତ୍ସବ 'ପରବ-୨୦୧୮'ର ଶୁଭାରମ୍ଭ ହେବ। ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଶନିବାର ଅପରାହ୍ନରେ ଆୟୋଜିତ ପରବ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ପରବର ମୁଖ୍ୟ ମହୋତ୍ସବ ପାଇଁ ନଭେମ୍ବର ୧୬, ୧୭ ଓ ୧୮ ତାରିଖ ନିର୍ଦ୍ଧିଷ୍ଟ ହୋଇଛି। କିନ୍ତୁ ଏହାର ଶୁଭାରମ୍ଭ ତାରିଖ ଏବଂ ମୁଖ୍ୟ ମହୋତ୍ସବ କେଉଁଠାରେ ହେବ, ସେ ନେଇ ନିଷ୍ପତ୍ତି ହୋଇନାହିଁ।

ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏମ୍‌ପି ଝିନ ହିକ୍‌କା, ନବରଙ୍ଗପୁର ଏମ୍‌ପିଙ୍କ ପ୍ରତିନିଧି ମାଳତି ମାଝି, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଜିଲା ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ କମଲୁ ଜାନି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନିଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ଚଳିତ ବର୍ଷ ପରବ ମହୋତ୍ସବ କୋଟିଆର ସୁନା ପାହାଡ଼ରୁ ଶୁଭାରମ୍ଭ ହେଉ ବୋଲି ଜୟପୁର ବିଧାୟକ ବୈଠକରେ ପ୍ରଥମେ ପ୍ରସ୍ତାବ ଆଗତ କରିଥିବାବେଳେ ଜିଲାପାଳଙ୍କ ସହ ସମସ୍ତେ ଏହାକୁ ସମର୍ଥନ କରିଥିଲେ । ଚଳିତ ବର୍ଷ ପରବ ପଞ୍ଚାୟତ ସ୍ତରରୁ ଆରମ୍ଭ ହୋଇ ଜିଲାସ୍ତରରେ ଶେଷହେବ। ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ ବୈଠକ ପରିଚାଳନା କରିଥିଲେ।

## ବସ୍ ଓଲଟିଲା, ବର୍ତ୍ତିଲେ ୨୦ ଯାତ୍ରୀ

ବୋରିଗୁମ୍ମା,୨୨।୯(ଡି.ଏନ୍.ଏ.)



ବୋରିଗୁମ୍ମା ଥାନା ଅନ୍ତର୍ଗତ ୨୬ ନଂ ଜାତୀୟ ରାଜପଥ ପର୍ଲୀ ପୋଲ ନିକଟରେ ଏକ ବସ୍ ଓଲଟି ୨ ଜଣ ଗୁରୁତର ହୋଇଛନ୍ତି। ତେବେ ଏଥିରେ ଥିବା ୨୦ ଜଣ ଯାତ୍ରୀ ବଡ଼ ବିପତ୍ତିରୁ ବର୍ତ୍ତିଯାଇଛନ୍ତି। ଘଟଣା ଅନୁଯାୟୀ ଶନିବାର ଭୋର୍ ସମୟରେ ବ୍ରହ୍ମପୁରରୁ ଉମରକୋଟ ଯାଉଥିବା କାମଧେନୁ ବସ୍ (ଓଡି ୧୨ ଏ ୪୨୪୨)ର ଷ୍ଟିୟରିଂ ଭାଙ୍ଗିଯିବା ଫଳରେ ଏହା ଜାତୀୟ ରାଜପଥ ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ବସ୍‌ରେ ୨୦ରୁ ଅଧିକ ଯାତ୍ରୀ ଫସିରହିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହଯୋଗରେ ସେମାନଙ୍କୁ ଭିତରୁ ଉଦ୍ଧାର କରାଯାଇଥିଲା। ଗୁରୁତରଙ୍କୁ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେମାନଙ୍କ ମଧ୍ୟରୁ ନବରଙ୍ଗପୁର ଜିଲା ଝରିଗାଁ ଅଞ୍ଚଳର ଜଗନ୍ନାଥ ପାନିକା (୬୦) ଏବଂ ନୀରଜ ସ୍ୱାଇଁ (୫୦) ଗୁରୁତର ଥିବାବେଳେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନା ପାଇ ବୋରିଗୁମ୍ମା ଆଇଆଇସି ସୁଦାମ ସାହୁ, ଏସ୍ଆଇ ଅନସୂୟା ନାୟକ, ଏଏସ୍ଆଇ ପ୍ରକାଶ ମିଶ୍ର ପ୍ରଥମେ ଘଟଣାସ୍ଥଳ ଓ ପରେ ଡାକ୍ତରଖାନା ପହଞ୍ଚି ତଦନ୍ତ କରିଛନ୍ତି।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଏମ୍‌ପି

କୋଟପାଡ଼, ୨୨।୯(ଡି.ଏନ୍.ଏ):



ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ଏମ୍‌ପି।

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳକୁ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଦିନିକିଆ ଗସ୍ତକରି ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏମ୍‌ପିଙ୍କ ସହିତ ସ୍ଥାନୀୟ ବିଧାୟକ ଚନ୍ଦ୍ର ଶେଖର ମାଝି, ବ୍ଲକ୍ ଅଧ୍ୟକ୍ଷ ବୈଦ୍ୟନାଥ ପୂଜାରୀ, ପୂର୍ବତନ ବିଧାୟକ ସଦନ ନାୟକ, ପଦ୍ମିନୀ ହିଆଲ, ବ୍ଲକ୍ ଏଇ ଡି. ନାରାୟଣ ରାଓ, ମନୋହର ବିଷୋଇ ପ୍ରମୁଖ ଗସ୍ତ କରିଥିଲେ। ପ୍ରଥମେ ମୁର୍ଣ୍ଡାହାଣ୍ଡି ପଞ୍ଚାୟତ ଗସ୍ତକରି ଥିବାବେଳେ ଉମୁରାପୁଣ୍ଡି ନିକଟରେ ଏକ ଧାନଖଳା, ସରିଷପଦର ଗ୍ରାମରେ ସୋଲାର ପମ୍ପ ପାଇଁ ଶିଳାନ୍ୟାସ କରିଥିବା ବେଳେ ବୋବେୟା ଗ୍ରାମ ପଞ୍ଚାୟତ ଚିଲିଗୁଡ଼ା ଗ୍ରାମରେ ଧାନଖଳା, ସର୍ଗୀଗୁଡ଼ା ପଞ୍ଚାୟତର ମିରିଗୁଡ଼ାରେ ଧାନଖଳା, ବଡାସନ ପଞ୍ଚାୟତର ଅଙ୍ଗନୱାଡ଼ି କେନ୍ଦ୍ର ସକାଶେ ଶିଳାନ୍ୟାସ , ବ୍ଲକ୍‌ଗ୍ରାଣ୍ଡ କୃଷ୍ଣଚନ୍ଦ୍ର ଉଚ୍ଚବିଦ୍ୟାଳୟ ନିମନ୍ତେ ଅତିରିକ୍ତ ଶ୍ରେଣୀଗୃହ, ସୁଣ୍ଡିଗୁଡ଼ା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆଗକୁ ନିର୍ବାଚନ ଥିବାରୁ ଗ୍ରାମାଞ୍ଚଳରେ ଲୋକହିତକର ଯୋଜନାଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ମହିଳାଙ୍କୁ ନିସ୍ଥୁକ ମାଡ଼

ଜୟପୁର,୨୨।୯(ନି.ପ୍ର.)

ଜୟପୁର ସଦର ଥାନା ଅନ୍ତର୍ଗତ ପାଲିଗୁଡ଼ାରେ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ନିସ୍ଥୁକ ମାଡ଼ମାରି ଲହୁ ଲୁହାଣ କରିଛନ୍ତି ଦୁର୍ବୃତ୍ତ। ଶନିବାର ସକାଳେ ଗୌରା ସୌରା (୨୨) ଘର କବାଟ ଖୋଲିବା ବେଳକୁ ଆସବାବପତ୍ର, ଟିଭି ଏପଟେ ସେପଟେ ପଡ଼ିବା ସହ ବାରଲାଇଟ ଭାଙ୍ଗିଥିଲା। ମହିଳାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ସହ ତାଙ୍କ ପୋଷାକ ମଧ୍ୟ ଚିରିଯାଇଥିଲା। ପରିବାର ଲୋକେ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ତାଙ୍କ ବାପା ପଦଲାମ ସୌରା ସଦର ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ୧୪୮/୧୮ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ କୈଳାସ ସେଠି କହିଛନ୍ତି।

## ୧୫ ଦିନ ଭିତରେ ମରାମତି ନହେଲେ ଅନଶନ

**ଜୟପୁର-ସୁଙ୍କି ଜାତୀୟ ରାଜପଥ**

■ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ଦେଲା କୋରାପୁଟିଆ ଜନସୁରକ୍ଷା ମଞ୍ଚ

କୋରାପୁଟ,୨୨।୯(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଲଗାଣ ବର୍ଷା ଯୋଗୁଁ ୨୬ ନମ୍ବର ଜାତୀୟ ରାଜପଥ ନଷ୍ଟ ହୋଇ ବର୍ତ୍ତମାନ ବିପଦସଙ୍କୁଳ ପାଲଟିଛି। ଯାତାୟତରେ ଭୀଷଣ ବାଧା ଉପୁଜୁଛି। କୋରାପୁଟ ଜନସୁରକ୍ଷା ମଞ୍ଚ ଏହାର ମରାମତି ଦାବି କରି ଶନିବାର ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଛି। ୧୫ ଦିନ ମଧ୍ୟରେ ଏହି ରାସ୍ତାର ମରାମତି ନହେଲେ ମଞ୍ଚ ଜିଲାସ୍ତରରେ ଆନ୍ଦୋଳନ କରିବ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବ ବୋଲି ଚେତାବନୀ ଦେଇଛି। ଦାସୀ ନନ୍ଦିବାଲି, ତ୍ରିଲୋଚନ ମୁଦୁଲି, ପୂର୍ଣ୍ଣ ଜାନି, ଦେବ କୁମାର ଗୌଡ଼, ରାମ ମୁଦୁଲିଙ୍କ ସମେତ ମଞ୍ଚର ବହୁ ସଦସ୍ୟ ସୁନାବେଡ଼ାସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ। ଜୟପୁରରୁ ସୁଙ୍କି ଯାଇଥିବା ଜାତୀୟ ରାଜପଥର ଦୁରାବସ୍ଥା ଯୋଗୁଁ ଯାତାୟତରେ ଅସୁବିଧା ସହ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଏଥିରେ ଉଲ୍ଲେଖ କରାଯାଇଥିଲା। ଗତ ୧୮ ତାରିଖରେ ଜୟପୁର ନାଗରିକ ମଞ୍ଚ ମଧ୍ୟ ବୋରିଗୁମ୍ମାରୁ ସେମିଳିଗୁଡ଼ା ଯାଏ ଜାତୀୟ ରାଜପଥର ମରାମତି ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ଦାବିପତ୍ର ଦେଇଛି।

## ସ୍ୱଚ୍ଛତା ପାଇଁ ଛାତ୍ରୀଛାତ୍ରଙ୍କ ମାନବ ଶୃଙ୍ଖଳ

ଜୟପୁର,୨୨।୯(ନି.ପ୍ର.)



ମାନବଶୃଙ୍ଖଳ କରି ସଚେତନତା ବାଣ୍ଟୁଛନ୍ତି ଛାତ୍ରୀମାନେ।

ଜୟପୁର ପୌରପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ଜିଲା ଚିକିତ୍ସାଳୟ କର୍ମଚାରୀ, ପୌର କର୍ମଚାରୀ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ଏକ ମାନବ ଶୃଙ୍ଖଳ କରାଯାଇଥିଲା। ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ରଜାନଅରରୁ ଟ୍ରାଫିକ ଛକ, ମଙ୍ଗଳବାର ହାଟ, ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଲମ୍ବା ଲାଇନ ଲାଗିଥିଲା। ହାତରେ ପ୍ଲାକାର୍ଡ଼ ଧରି ସେମାନେ ପଥଚାରୀଙ୍କୁ ପଲିଥିନ ମୁକ୍ତ ଅଞ୍ଚଳ, ପେପର ଠୁଙ୍ଗା ଓ ବ୍ୟାଗ୍ ବ୍ୟବହାର, ପରିଷଦ ଦେଇଥିବା ଡଷ୍ଟବିନ୍ ବ୍ୟବହାର, ବାହାରେ ମଳତ୍ୟାଗ ବର୍ଜନ ତଥା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସଚେତନ କରିଥିଲେ।

### ୩ ଜଣିଆ ଦଳ ଯାଞ୍ଚ କଲେ ଚାଉଳର ମାନ

ଜୟପୁର,୨୨।୯(ଡି.ଏନ୍.ଏ.)

ଜୟପୁର ପେପରମିଲ ଛକସ୍ଥିତ କେନ୍ଦ୍ରୀୟ ପଣ୍ୟାଗାର ନିଗମ (ସିଡବ୍ଲ୍ୟୁସି)ରେ ନିକୃଷ୍ଟ ଚାଉଳ ସଂଗ୍ରହ କରାଯାଉଥିବା ଅଭିଯୋଗ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏହାପରେ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ ନିର୍ଦ୍ଦେଶ କ୍ରମେ ୩ଜଣିଆ ଟିମ୍ ଗୋଦାମ ଗୃହରୁ ଚାଉଳ ସଂଗ୍ରହ କରି ଯାଞ୍ଚ କରିଛନ୍ତି। ପୂର୍ବାହ୍ନରେ ଜିଲା ସହକାରୀ ଯୋଗାଣ ଅଧିକାରୀ ସୁଗାତ ମୁର୍ମୁ, ଉର୍ମିଳା ନାୟକ ଓ ମାନ ନିର୍ଣ୍ଣୟକ ବୈଜୟନ୍ତ ସାହୁ ଚାଉଳ ଯାଞ୍ଚ କରିଛନ୍ତି । ଅନ୍ୟପକ୍ଷରେ ସିଡବ୍ଲ୍ୟୁସି ଗୋଦାମ ଗୃହର ଚାଉଳ ଯାଞ୍ଚ ପାଇଁ ରାଜ୍ୟ ଯୋଗାଣ ବିଭାଗର ଏକ ସ୍ୱତନ୍ତ୍ର ଯାଞ୍ଚ ଦଳ ଆସିବା ପାଇଁ ଚିଠି କରିଛନ୍ତି ଯୋଗାଣ ଅଧିକାରୀ ନାୟକ।

■ ବିପଦସଙ୍କୁଳ ଭବନରେ ସ୍କୁଲ ଚାଲିବା ପ୍ରସଙ୍ଗ

## ସ୍ଥିତି ଅନୁଧ୍ୟାନ କଲା ସିଡବ୍ଲ୍ୟୁସି ଟିମ୍

ଜୟପୁର,୨୨।୯(ଡି.ଏନ୍.ଏ.)

ଜୟପୁର ସୂର୍ଯ୍ୟମହଲସ୍ଥିତ ପବ୍ଲିକ ସ୍କୁଲର ପୁରାତନ ଭବନ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ଛାତ୍ରୀଛାତ୍ରଙ୍କ ନିରାପତ୍ତା ପ୍ରତି ପ୍ରଶ୍ନ ଉଠିବା ପରେ ଏହାକୁ ତୁରନ୍ତ ସ୍ଥାନାନ୍ତର କରିବା ପାଇଁ ସ୍ୱାଭିମାନ ମଞ୍ଚ ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ଅଭିଯୋଗ କରିଥିଲା। ଶିଶୁମଙ୍ଗଳ କମିଟି ଗତ ୧୮ ତାରିଖ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ନୋଟିସ କରିଥିଲେ। ସେହି କ୍ରମରେ କମିଟିର ଏକ ଟିମ୍ ଶନିବାର ବିଦ୍ୟାଳୟ ଭବନକୁ ଅନୁଧ୍ୟାନ କରିବା ସହ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। କମିଟିର ସଭାପତି ଡ. ଗାୟତ୍ରୀ ଦେବୀଙ୍କ ନେତୃତ୍ୱରେ ସଦସ୍ୟ ରମେଶ ଚନ୍ଦ୍ର ରଥ, ସସ୍ମିତାରାଣୀ ସାହୁ, ଧର୍ମେନ୍ଦ୍ର ଜେନା, ପ୍ରଭାତ ବିଡ଼ିକା ପୂର୍ବାହ୍ନରେ ବିଦ୍ୟାଳୟରେ ପହଞ୍ଚି ଯାଞ୍ଚ କରିଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ଅନୁପ ଭିନସେଣ୍ଟ ଆମ୍ବ୍ରୋସ ଉପସ୍ଥିତ ରହି ଟିମ୍‌କୁ ସମସ୍ତ କାଗଜପତ୍ର ଦେଇଥିଲେ। ଅଭିଯୋଗକାରୀ ସ୍ୱାଭିମାନ ମଞ୍ଚର ସହ ସଂପାଦକ ବଲ୍ଲଭ ପାଢ଼ୀ, ସଭାପତି ଡା. ଗଙ୍ଗାଧର ନନ୍ଦ, ଗୀତା ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅବିଭକ୍ତ କୋରାପୁଟ ଜିଲା ଖ୍ରୀଷ୍ଟ ମଞ୍ଚର ସଂପାଦକ ସତ୍ୟଦାନ ମହାନନ୍ଦିଆଙ୍କ ନେତୃତ୍ୱରେ ମଞ୍ଚର କେତେକ ସଦସ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଏନେଇ ସ୍ୱାଭିମାନ ମଞ୍ଚ ଓ ସପକ୍ଷବାଦୀଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା । ତଦନ୍ତକାରୀ ସିଡବ୍ଲ୍ୟୁସିର ଅଧ୍ୟକ୍ଷା ଡ. ଗାୟତ୍ରୀ ନିଜର ରିପୋର୍ଟ ପ୍ରସ୍ତୁତ କରି ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଦେବେ।

■ ଆବାସ ଯୋଜନା ମେଳା

## ୪୦ ନୂତନ ହିତାଧିକାରୀ ସାମିଲ

ସେମିଳିଗୁଡ଼ା,୨୨।୯(ସ୍ୱ.ପ୍ର)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍‌ରେ ଆବାସ ମେଳା ଅନୁଷ୍ଠିତ ହୋଇଛି। ଗ୍ରାମୀଣ ଯୋଜନା ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ ସେମିଳିଗୁଡ଼ା ଅଧ୍ୟକ୍ଷ ଦିନେଶ୍ ଖରାଙ୍କ ଅଧ୍ୟକ୍ଷତାରେ ଏହି ମେଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଯୋଗଦେଇଥିଲେ। ଯେଉଁ ହିତାଧିକାରୀମାନେ ନିର୍ଦ୍ଧାରିତ ସମୟ ଭିତରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବେ ସେମାନଙ୍କୁ ଅଧିକ ଦଶ ହଜାର ଟଙ୍କା ଏବଂ ଯେଉଁମାନେ ୪ ମାସରେ ଘର ନିର୍ମାଣ କରିଛନ୍ତି ସେମାନଙ୍କୁ ପ୍ରୋତ୍ସାହନ ରାଶି ୨୦ ହଜାର ଟଙ୍କା ସରକାର ପ୍ରଦାନ କରୁଛନ୍ତି ବୋଲି ସୂଚନା ଦିଆଯାଇଛି। ବିଜୁ ପକ୍କା ଘର ଯୋଜନାରେ ସେମିଳିଗୁଡ଼ା ବ୍ଲକର ନୂତନ ଭାବେ ୪୦ ଜଣ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ଏହି ମେଳା ଅବସରରେ ନୂତନ ବୟସ୍କ ଏବଂ ବିଧବାଙ୍କୁ ପେନସନ୍ ଭୁକ୍ତ କରାଯାଇଛି। ମେଳାରେ ବିଜୁ ପକ୍କାଘର, ଇନ୍ଦିରା ଆବାସ ଏବଂ ବାର୍ଦ୍ଧକ୍ୟ ଭତ୍ତା ମିଳିତ ଭାବରେ ୪୨୩ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ମେଳାରେ ଉପସ୍ଥିତ ୧୭ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ , ୱାର୍ଡ଼ ମେମ୍ବର ଯୋଗଦେଇଥିଲେ। ଉପାଧ୍ୟକ୍ଷ ବାସନ୍ତୀ ବେଦ ନାୟକ ଏବଂ ଜିଲା ପରିଷଦ ଜୋନ-୧ର ରାମ ହନ୍ତାଳ, ବିଡିଓ ତ୍ରିନାଥ ମାଝି, ବରିଷ୍ଠ ସାମାଜିକ କର୍ମକର୍ତ୍ତା ତଥା ଦଳେଇଗୁଡ଼ା ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଅନନ୍ତରାମ ମଟାମ, ମିନତୀ ବାଘ ପ୍ରମୁଖ ଯୋଗଦେଇଥିଲେ।



ଆବାସମେଳାରେ ଉପସ୍ଥିତ ଅଧିକାରୀମାନେ।

### ବାଇକ ଧକ୍କାରେ ୩ ଗୁରୁତର

ନନ୍ଦପୁର,୨୨।୯(ଡି.ଏନ୍.ଏ.)

ନନ୍ଦପୁର ଥାନା ଅନ୍ତର୍ଗତ ସୁବାଇ ଜୈନ ମନ୍ଦିର ସମ୍ମୁଖ ରାସ୍ତାରେ ଦୁଇଟି ମୋଟରସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ କୋରାପୁଟ ଶହୀଦ୍ ଲକ୍ଷ୍ମଣ ନାୟକ ମେଡିକାଲରେ ଭର୍ତ୍ତି କରାଯାଇଛି। ନନ୍ଦପୁର ଥାନା ଦାଶପୁଟ ଗ୍ରାମର ସୁକାନ୍ତ ମୁଦୁଲି(୧୯) ମୋଟରସାଇକେଲ (ଓଡି୧୦ଏଚ୍୯୫୫୪) ଯୋଗେ ସେମିଳିଗୁଡ଼ା ଯାଉଥିଲେ। ପଟାଙ୍ଗିରୁ ନନ୍ଦପୁର ଅଭିମୁଖେ ପଟାଙ୍ଗି ଥାନା ପଣ୍ଡେଇ ଗ୍ରାମର ଡ଼ମ୍ବୁରୁଧର ଆଡକାଟିଆ(୨୫) ଏବଂ ପୁତୁରା ସୁରଜ ଆଡକାଟିଆ (୧୨) ମୋଟରସାଇକେଲ (ଏପି୩୧ଡିଏନ୍୫୬୪୨) ଯୋଗେ ଆସୁଥିବାବେଳେ ସୁବାଇ ଜୈନ ମନ୍ଦିର ସମ୍ମୁଖରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସୁକାନ୍ତଙ୍କର ଡ଼ାହାଣ ଗୋଡ଼ର ଆଣ୍ଠୁ ତଳ ଭାଙ୍ଗି ଯାଇଥିବାବେଳେ ଡମ୍ବୁରୁଧରଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି। ସୁରଜଙ୍କର ମଧ୍ୟ ବାମକାନ୍ଧ ତଳ ଭାଙ୍ଗି ଯାଇଛି। ନନ୍ଦପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌ଗୁଡ଼ିକୁ ଜବତ କରିବା ସହ ୩ ଜଣଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ଥାନା ଏସ୍ଆଇ ବିଘ୍ନରାଜ ଭତ୍ରା ଘଟଣାର ଅନୁସନ୍ଧାନ କରୁଥିବାବେଳେ ୭୭/୧୮ରେ ଏକ ମାମଲା ରୁଜୁ ହୋଇଥିବା ଥାନାଭାରପ୍ରାପ୍ତ ଅଧିକାରୀ ଜଳନ୍ଧର ସେଠୀ ସୂଚନା ଦେଇଛନ୍ତି।

■ ବିଲ୍ଟ ପେପର ମିଲରେ ତୁଟୁନି ଅଚଳାବସ୍ଥା

## ଆଶଙ୍କାରେ ଶ୍ରମିକଙ୍କ ଜୀବିକା

ଜୟପୁର,୨୨।୯(ନି.ପ୍ର./ଡି.ଏନ୍.ଏ.)



ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତା।

ଜୟପୁର ସ୍ଥିତ ବିଲ୍ଟ ପେପର ମିଲରେ ଅଚଳାବସ୍ଥା ତୁଟିପାରୁନାହିଁ। ୩ଟି ୟୁନିୟନ ମିଲର ସମସ୍ତ ସର୍ତ୍ତ ମାନିବାକୁ ରାଜି ଥିବାବେଳେ ବିଏମ୍ଏସ୍ ସଂଘ ଏଥିରେ ଅରାଜି ହେବା ହଜାର ହଜାର ଶ୍ରମିକଙ୍କ ଜୀବିକାକୁ ଆଶଙ୍କା ଭିତରକୁ ଠେଲିଦେଇଛି। ୩ ମାସ ହେବ କାମ ଓ ଦରମା ନ ପାଇ ଶ୍ରମିକଙ୍କ ପରିବାର ଏବେ ହନ୍ତସନ୍ତ ହେଉଛନ୍ତି। ପେପରମିଲରେ କାର୍ଯ୍ୟରତ ୩ଟି ୟୁନିୟନର ମିଳିତ କାର୍ଯ୍ୟକାରୀ କମିଟି ଖବରଦାତା ସମ୍ମିଳନୀ ଦ୍ୱାରା ଜୟପୁରର ଏକମାତ୍ର ବୃହତ ଶିଳ୍ପର ଅଚଳାବସ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି।

ଜୁଲାଇରୁ ୩ ମାସ ହେଲା କାରଖାନା ବନ୍ଦ ରହିଛି। ଗତ ୧୯ ତାରିଖ ଶ୍ରମ ବିଭାଗ କାର୍ଯ୍ୟାଳୟରେ ଶତାଧିକ ଶ୍ରମିକ ରୁଣ୍ଡ ହୋଇ ବିଏମ୍ଏସ୍ ୟୁନିୟନକୁ ମ୍ୟାନେଜମେଣ୍ଟ ସର୍ତ୍ତ ମାନି ଲିଖିତ ଭାବେ ଦେଇ ଶୀଘ୍ର କାରଖାନା ଖୋଲିବା ରାସ୍ତା ବାହାର କରନ୍ତୁ ବୋଲି କହିଥିଲେ। ସେଦିନ ସେ ୟୁନିୟନର ସାଧାରଣ ସମ୍ପାଦକ ବିଦ୍ୟା ଜେନାମଣି ସମସ୍ତଙ୍କ ସମ୍ମୁଖରେ ସହମତି ପ୍ରକାଶ କରି ଚିଠି ଦେବା ପାଇଁ ରାଜି ହୋଇଥିଲେ ମଧ୍ୟ ପରେ ଏଥିରୁ ବିଚ୍ୟୁତ ହୋଇଛନ୍ତି। ଗତ ୧୯ ତାରିଖ ଶ୍ରମ ବିଭାଗ କାର୍ଯ୍ୟାଳୟରେ ଦିନ ତମାମ ଆଲୋଚନା ହୋଇଥିଲା। ମ୍ୟାନେଜମେଣ୍ଟ ଆଶା କରୁଥିବା ସର୍ତ୍ତ ସମ୍ପର୍କରେ ୪ଟି ୟୁନିୟନ ଲିଖିତ ଭାବେ ଦେବାର ଥିଲା। ୨୦୧୭ ମେ ୩୦ରେ କାରଖାନା ପୁନଃ କାର୍ଯ୍ୟକ୍ଷମ ପାଇଁ ହୋଇଥିବା ଚୁକ୍ତିନାମାକୁ ସମସ୍ତ ପକ୍ଷ ମାନିବା, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ହସ୍ତକ୍ଷେପ ନକରିବା, କାରଖାନା ବନ୍ଦ ସମୟରେ ଦରମା ପାଇଁ ବିବାଦ ସୃଷ୍ଟି ନକରି ନ ୱାର୍କ ନୋ ପେ ନିୟମକୁ ମାନିବା ଭଳି ସର୍ତ୍ତରେ ରାଜିହୋଇ ଲିଖିତ ଭାବେ ଦେବା ପାଇଁ କହିଥିଲା ମ୍ୟାନେଜମେଣ୍ଟ। ତେବେ ଯାଇ ଅର୍ଥ ଲଗାଣକାରୀ ସଂସ୍ଥାମାନେ ପୁଞ୍ଜି ମଞ୍ଜୁର କରିବେ ଓ ପୁଣି କାରଖାନା ଚାଲିବ । ଇତିମଧ୍ୟରେ ୩ଟି ୟୁନିୟନ ଏହି ସର୍ତ୍ତ ଲେଖି ଦେଇଥିବା ବେଳେ ବିଏମ୍ଏସ୍ ସହ ଅନୁବନ୍ଧିତ ୩ଟି ୟୁନିୟନ ନିଜ ଜିଦ୍‌ରେ ଅଟଳ ରହି ମ୍ୟାନେଜମେଣ୍ଟର ସର୍ତ୍ତକୁ ବିରୋଧ କରିଥିଲେ। ତେଣୁ ଆସନ୍ତା ୨୫ ତାରିଖ ଶ୍ରମ ବିଭାଗ କାର୍ଯ୍ୟାଳୟରେ ପୁଣିଥରେ ସମ୍ମିଳିତ ବୈଠକ ପାଇଁ ନିଷ୍ପତ୍ତି ହୋଇଥିଲା। ଏବେ ଏହି ସ୍ଥିତି କାରଖାନା ଚାଲିବା ଆଶାକୁ ମଉଳାଇ ଦେଇଛି। ୨୫ ତାରିଖ ବୈଠକରେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ବିଚାର କରାଯିବ ବୋଲି ଜୟନ୍ତ ସାନ୍ତ୍ରା, ପ୍ରମୋଦ ମହାନ୍ତି, ଏନ୍. ସୁରେଶ କୁମାରଙ୍କ ସମେତ ଶତାଧିକ କର୍ମଚାରୀ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ସେପ୍ଟେମ୍ବର ୨୩/୨୦୧୮ Rayagada, Sunday, September 23 / 2018

# 'ଡାଏ'ର ପ୍ରଭାବରେ କାଲିମେଲା କ୍ଷତିଗ୍ରସ୍ତ

କାଲିମେଲା,୨୨।୯(ଡି.ଏନ.ଏ)


ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଭିତରକୁ ବନ୍ୟାଜଳ ପଶିଛି।

ଲଘୁଚାପ ଦ୍ୱାରା ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ ଡାଏ ପ୍ରଭାବରେ ମାଲକାନଗିରି ଜିଲା କାଲିମେଲା ଅଞ୍ଚଳରେ ମଧ୍ୟ ପ୍ରବଳ ବର୍ଷା ହେବା ସହ ବନ୍ୟା ବିଭୀଷିକା ଦେଖା ଦେଇଛି। ଝଡରେ ବଡବଡ ଗଛ ଉପୁଡି ପଡିଥିବା ବେଳେ ବିଦ୍ୟୁତ ତାର ଛିଡି ବିଦ୍ୟୁତ ସେବା ବ୍ୟାହତ ହୋଇଛି। କାଲିମେଲା ଅଞ୍ଚଳରେ ୪୮ ଘଣ୍ଟା ଧରି ବିଦ୍ୟୁତ, ଟେଲିଫୋନ, ପାନୀୟ ଜଳ ଓ ଗମନାଗମନ ବ୍ୟବସ୍ଥା ଠପ୍ ହୋଇପଡିଛି। କାଲିମେଲା ବ୍ଲକର ବିଭିନ୍ନ ସ୍ଥାନ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ଡାଏର ପ୍ରଭାବରେ ଗତ ଗୁରୁବାର ଅପରାହ୍ନ ୪ଟାରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିଲା। ରାତିତମାମ ଗୋଟିଏ ଧାରାରେ ୧୨୦ ମିମି ବର୍ଷା ହୋଇଥିଲା। ବର୍ଷା ହେବାରୁ ବନ୍ୟା ପ୍ରଭାବରେ ତଳ ମୁଣ୍ଡରେ ଥିବା ବିଭିନ୍ନ ଗ୍ରାମ ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ସେମାନଙ୍କ ପାଖରେ ପ୍ରଶାସନର କୌଣସି ଅଧିକାରୀ ପହଞ୍ଚିନାହାନ୍ତି। ମାଲକାନଗିରିରୁ କାଲିମେଲା, ମୋଟୁକୁ ଯୋଗା ଯୋଗ କରୁଥିବା ଜାତୀୟ ରାଜପଥର ପୋଟେରୁ ବ୍ରିଜ ଉପରେ ୫ ଫୁଟ ଉଚ୍ଚର ପାଣି ପ୍ରବାହିତ ହେବା ସହ ସାରା ପୋଟେରୁ ବଜାର ବନ୍ୟା ପାଣିରେ ବୁଡିଯାଇଥିଲା । ପରିସ୍ଥିତି ଏପରି ହୋଇଥିଲା ଯେ, ବ୍ୟବସାୟୀମାନେ ସେମାନଙ୍କ ସାମଗ୍ରୀ ବାହାର କରିବା ପାଇଁ ସମୟ ପାଇ ନ ଥିଲେ। ସେହିପରି ପୋଟେରୁ ନର୍ସରୀସହ କାଙ୍ଗୁରୁକୋଣ୍ଡା ବ୍ରିଜ ଉପରେ ୬ ଫୁଟ, ଏମଭି-୯୦ ଗୁବୁଲୁର ପୋଲ ଉପରେ ୧୦ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ବିଭିନ୍ନ ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ ରହିଛି। କାଲିମେଲା ବ୍ଲକ ଅନ୍ତର୍ଗତ କୋଇମେଟଲା ପଞ୍ଚାୟତର ନାମକୋଣ୍ଡା ଗ୍ରାମରେ ଗୋଟିଏ ଗାଈର ମୃତ୍ୟୁ ହୋଇଛି । ତେଲରାଇ ପଞ୍ଚାୟତର ଏମଭି-୧୦୭ ଗ୍ରାମ ଭିତରେ ପାଣି ପଶି ଏଠାରେ ଥିବା ବେଲି ବ୍ରିଜ ରାସ୍ତା ଧୋଇ ନଷ୍ଟ ହୋଇଯାଇଛି । କାଙ୍ଗୁରୁକୋଣ୍ଡା ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଗ୍ରାମରେ ୧୦ରୁ ୧୫ ଘର ଭାଙ୍ଗି ଯାଇଛି। ଅନେକଙ୍କ ଘର ଭିତରେ ପାଣି ପଶିଯାଇଛି । ଏକ ଦୋକାନ ବନ୍ୟା ଜଳରେ ଭାସିଯାଇଛି। ସେହିପରି ବେଜାଙ୍ଗିବାଡା ପଞ୍ଚାୟତର ଏମପିଭି-୧୧୬ ଗ୍ରାମରେ ୧୪ ଘର ଭାଙ୍ଗିଛି । ଜଗଦିଶ ମଣ୍ଡଳ, ଜଞ୍ଜୟ ମଣ୍ଡଳ, ସୁକୁମାର ବାଚାର, ପୂର୍ଣ୍ଣିମା ବାଚାର, ସାମିର ମଣ୍ଡଳଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଛି । ଏହି ଲୋକମାନେ ରାତିସାରା ଭୋକ ଉପବାସରେ ଅନିଦ୍ରା କଟାଇଥିଲେ । ପ୍ରଶାସନ ଏଯାବତ୍ ସେମାନଙ୍କ ନିକଟରେ ପହଞ୍ଚି ପାରିନାହିଁ। ସମାଜସେବୀ କାମସେନ ପ୍ରଧାନ ଏହି ଗ୍ରାମର ୯ ପରିବାରକୁ ରିଲିଫ ବଣ୍ଟନ କରିଛନ୍ତି । କାଲିମେଲାର ରୁଦ୍ର ପାତ୍ର, ଏମପିଭି-୮୧ ଗ୍ରାମର ଦୁଲାଲ ମଣ୍ଡଳ, ଗୁଷ୍ଟୁ ଦେ ବନ୍ୟାବିପନ୍ନଙ୍କୁ ସହାୟତା କରିଛନ୍ତି।

## ଶହେରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଛି

ଚିତ୍ରକୋଣ୍ଡା,୨୨।୯

ଲଘୁଚାପଜନିତ ବର୍ଷାରେ ଚିତ୍ରକୋଣ୍ଡା ଆଖପାଖ ଅଞ୍ଚଳ କ୍ଷତିଗ୍ରସ୍ତ କରିଛି। ଚିତ୍ରକୋଣ୍ଡା ଘାଟିରେ ପ୍ରବଳ ପାଣି ପ୍ରବାହିତ ହୋଇ ଯାତାୟାତ ବାଧାପ୍ରାପ୍ତ କରିଛି। ଏନେଇ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଅନେକ ପଞ୍ଚାୟତରେ ଚାଷଜମିରେ ବାଲିଚର ମାଡି ଧାନ,ମାଣ୍ଡିଆ, ସୁଆଁ ଚାଷ ଜମି ନଷ୍ଟ ହୋଇଛି। ୧୦୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଛି। ୨ଜଣ ନାଳରେ ଭାସିଯାଇଛନ୍ତି। ତହସିଲ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ବଣ୍ଟନ କରିଛି। ବହୁ ରାସ୍ତାଘାଟ ଓ ପୋଲ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ -ତଥାଗତ ସତପଥୀ

## ସଂକ୍ଷେପରେ

### ଡ୍ରାଇଭରଙ୍କୁ ପିଟିଲେ ଅବକାରୀ କର୍ମଚାରୀ

ରାମନାଗୁଡା, ୨୨।୯(ଡ଼ି.ଏନ.ଏ): ରାୟଗଡା ଜିଲା ରାମନାଗୁଡା ବ୍ଲକ ଗୁମୁଡା ନିକଟ ଗୁଡାରୀ ଛକରେ ଶୁକ୍ରବାର ରାତି ୧୨ଟାରେ ଅବକାରୀ କର୍ମଚାରୀମାନେ ସାଦାପୋଷାକରେ ଆସି ଜଣେ ଡ୍ରାଇଭରଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ଡ୍ରାଇଭର ଜଣକ ହେଲେ ବାପୁନି ପାଢୀ । ଏନେଇ ସେ ଫାଣ୍ଡିରେ ଏତଲା ଦେଇଛନ୍ତି। ଦୁର୍ଗୀ ଗ୍ରାମରୁ ବାପୁନି ବୋଲେରୋ ନେଇ କୌଣସି କାମରେ ବ୍ରହ୍ମପୁର ଯାଇଥିଲେ। ସେଠାରୁ ଫେରିବାବେଳେ ଗୁମୁଡା ପୋଲିସ ଗାଡ଼ି ଅଟକାଇ କାଗଜପତ୍ର ଯାଞ୍ଚ କରି ଛାଡି ଦେଇଥିଲା । ସେଠାରୁ ମାତ୍ର ୨୦୦ମିଟର ଦୂର ଗୁଡାରି ଛକଠାରେ ସାଦା ପୋଷାକରେ ଥିବା ଅବକାରୀ କର୍ମଚାରୀମାନେ ଅଟକାଇବାରୁ ବାପୁନି ବୋଲେରୋ ଅଟକାଇ ନ ଥିଲେ। କର୍ମଚାରୀମାନେ ଗାଡ଼ିର ପିଛା କରି ରାମନାଗୁଡ଼ାରେ ଅଟକାଇଥିଲେ। ସେଠାରେ ଡ୍ରାଇଭର ବାପୁନିଙ୍କୁ ନିସ୍ତୁକ ମାଡ ମାରିଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ଆଲୋକ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ । ପରେ ବାପୁନି ରାମନାଗୁଡା ଫାଣ୍ଡିରେ ଏତଲା ଦେଇଛନ୍ତି ।

### ୨୪ରୁ କଡ଼ାକଡ଼ି ହେବ ଯାନବାହନ ଯାଞ୍ଚ

ରାୟଗଡା ଅଫିସ,୨୨।୯: ଆସନ୍ତା ୨୪ ତାରିଖରୁ ରାୟଗଡା ସହରରେ ସମସ୍ତ ପ୍ରକାର ଯାନବାହନ କଡାକଡି ଭାବେ ଯାଞ୍ଚ କରାଯିବ । ଏନେଇ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରାୟଗଡା ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆରଙ୍କ ତତ୍ତ୍ୱାବଧାନରେ ପୋଲିସ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ମିଳିତ ଉଦ୍ୟମରେ ଏହି ଯାଞ୍ଚ କରାଯିବ । ଏହା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଯାଞ୍ଚ ସମୟରେ ମୁଖ୍ୟତଃ ହେଲ୍‌ମେଣ୍ଟ, ଡ୍ରାଇଭିଂ ଲାଇସେନ୍ସ, ମଦ୍ୟପାନ କରି ଗାଡି ଚଳାଇବା, ଓଭର ଲୋଡିଂ କରି ଗାଡି ଚଳାଇବା, ନମ୍ବର ବିହିନ ଗାଡି, ୧୮ ବର୍ଷରୁ କମ୍ ବୟସର ପିଲା ଗାଡ଼ି ଚଳାଇବା, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ, ବେପରୁଆ ଗାଡିଚାଳନା ସମେତ ମୋଟରଯାନ ଆଇନ ଅନୁଯାୟୀ ସମସ୍ତ ପ୍ରକାର କାଗଜପତ୍ର ଯାଞ୍ଚ କରାଯିବ । ରାୟଗଡା ସହରରେ ଥିବା କୋରାପୁଟ ଛକଠାରୁ ଏଫ୍‌ସିଆଇ ଗୋଦାମ ଛକ ପର୍ଯ୍ୟନ୍ତ ରାସ୍ତାକୁ ଜିରୋ ଟଲେରନ୍ସ ଜୋନ୍ ଭାବେ ଘୋଷଣା କରାଯାଇଛି। ଏଥି ନିମନ୍ତେ ଜନସଚେତନତା କରାଇବା ପାଇଁ ରାୟଗଡା ପୋଲିସ ପକ୍ଷରୁ ମାଇକ୍ ଯୋଗେ ପ୍ରଚାର କରାଯାଇଛି । ଟ୍ରାଫିକ୍ ନିୟମ ଓ ମୋଟରଯାନ ଆଇନ ଉଲ୍ଲଙ୍ଘନ କଲେ ଦୋଷୀଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହିତ ଜରିମାନା ଆଦାୟ କରାଯିବ । ଆବଶ୍ୟକସ୍ଥଳେ ଉକ୍ତ ଗାଡ଼ିଗୁଡିକୁ ଜବତ କରାଯିବ ବୋଲି ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ କୁମାର ଦଳେଇ ସୂଚନା ଦେଇଛନ୍ତି ।

### ରାମଲୀଳା କମିଟି ଗଠନ

ମୁନିଗୁଡା, ୨୨।୯ (ଡି.ଏନ୍.ଏ.): ରାୟଗଡ଼ା ଜିଲା ମୁନିଗୁଡା ବିଜୁ ପଟ୍ଟନାୟକ ୟୁଥ୍ କ୍ଲବ ପରିସରରେ ଆସନ୍ତା ୧୯ ତାରିଖରେ ଦୁର୍ଗାପୂଜା ବା ଦଶମୀରେ ହେବାକୁ ଥିବା ରାବଣପୋଡ଼ି କାର୍ଯ୍ୟକ୍ରମ ପାଇଁ ଏକ ରାମଲୀଳା କମିଟି ଗଠନ କରାଯାଇଛି। ଏଥିରେ ସୁନୀଲ ଜୈନ ସଭାପତି, କେ. ଗୌରୀ ଉପସଭାପତି, ସୁଧାକର ମହାରଣା ସମ୍ପାଦକ, ପ୍ରଭାତ ପାଣିଗ୍ରାହୀ ସହ ସମ୍ପାଦକ, ଜି. ଶତିସ କୁମାର କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ସେହିପରି ଉପଦେଷ୍ଟା ଭାବେ ଏମ୍‌ଡି ଆୟୁବ୍, ରତନଲାଲ ଜୈନ, ପୂର୍ଣ୍ଣଚନ୍ଦ୍ର ଗୌଡ଼, ଚକ୍ରମଣି ମାର୍ଥା, ହାଡ଼ିଆ ଗୌଡ଼, ସୀମାଞ୍ଚଳ ଦାସ, ବୃନ୍ଦାବନ ପାଢ଼ୀ ଓ ନନ୍ଦ କିଶୋର ପଟ୍ଟନାୟକ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଉକ୍ତ ରାବଣପୋଡ଼ି କାର୍ଯ୍ୟକ୍ରମ ପାଇକସାହିସ୍ଥିତ ଲକ୍ଷ୍ମୀପୂଜା ପଡ଼ିଆରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ୫୦ ଫୁଟ ରାବଣ କରାଯିବା ସହ ଆନ୍ଧ୍ରପ୍ରଦେଶରୁ ବିଭିନ୍ନ ରଙ୍ଗବେରଙ୍ଗ ଆତସବାଜି କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ କିପରି ରାବଣ ପୋଡ଼ି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ଓ ସୁଚାରୁ ରୂପେ ପାଳନ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା।

■ମାମଲା ରୁଜୁ ପରେ ଚେତିଲା ଜନସ୍ୱାସ୍ଥ୍ୟ ବିଭାଗ

# ଜଳ ଯୋଗାଣ ନେଇ ତତ୍ପରତା

**ପାଣି ପାଇଁ ଲୋକେ ଡ଼ହଳବିକଳ**
- ପାଣି ଉଠାଯାଉଥିବା ସ୍ଥାନ ବୁଲି ଦେଖିଲେ ନିର୍ବାହିଯନ୍ତ୍ରୀ
- ସହକାରୀ ଯନ୍ତ୍ରୀଙ୍କ ସହ ଆଲୋଚନା
- ତୁରନ୍ତ ହେବ ସମସ୍ୟାର ସମାଧାନ

ଗୁଣପୁର,୨୧।୯(ଡି.ଏନ.ଏ)

ପାନୀୟ ଜଳଯୋଗାଣରେ ଅବହେଳା କରିବା ଏବଂ ଠିକ ଭାବେ ନ ଯୋଗାଇବା ପାଇଁ ଜନସ୍ୱାସ୍ଥ୍ୟ ସହକାରୀ ଯନ୍ତ୍ରୀଙ୍କ ନାମରେ ଉପଜିଲାପାଳ ଅମ୍ରିତ ରତୁରାଜ ଗୁରୁବାର ଏକ ମାମଲା ରୁଜୁ କରିଥିଲେ। ଉପଜିଲାପାଳଙ୍କ କୋର୍ଟରେ ମାମଲା ରୁଜୁ ହେବା ପରେ ଜନସ୍ୱାସ୍ଥ୍ୟ ବିଭାଗର ଚେତା ପଶିଛି । କିପରି ଲୋକଙ୍କୁ ପାଣି ମିଳିବ ସେନେଇ ତନାଘନା ଆରମ୍ଭ ହୋଇଛି । ଶନିବାର ନିର୍ବାହିଯନ୍ତ୍ରୀ ଶରତ ଚନ୍ଦ୍ର ପାଣିଗ୍ରାହୀ ଗୁଣପୁରକୁ ଆସି ଜଳ ବିଶୋଧାନାଗାର ଦେଖିବା ସହ ବଂଶଧାରା ନଦୀର ପାଣି ଉଠାଯାଉଥିବା ସ୍ଥାନ ବୁଲି ଦେଖିଥିଲେ । ଲୋକମାନଙ୍କୁ ପାଣି ଦିଆଯିବା ସହ ଅନ୍ୟ ସମସ୍ୟାର ସମାଧାନ ନେଇ ସହକାରୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ସହ ଆଲୋଚନା କରିଥିଲେ । ଶେଷରେ ନିର୍ବାହିଯନ୍ତ୍ରୀ ପାଣିଗ୍ରାହୀ ତୁରନ୍ତ ସମସ୍ୟାର ସମାଧାନ କରି ଲୋକଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି ଖବରଦାତା ମାନଙ୍କୁ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଗତ ୪ରୁ ୫ ଦିନ ହେବ ଗୁଣପୁର ସହରର ମରାଠିଗୁଡା, ବଳରାମନଗର, ଶେଖର ନଗର,ରାମେଶ୍ୱର ନଗର, କପିଳପର, ଢେପର ବିଭିନ୍ନ ସାହିଗୁଡିକୁ ପାଣି ଯୋଗାଣ ହୋଇପାରୁନାହିଁ । ଫଳରେ ଲୋକମାନଙ୍କ ମଧ୍ୟରେ ଏହାକୁ ନେଇ ତିବ୍ର ଅସନ୍ତୋଷ ଲାଗି ରହିଛି । ବର୍ଷା ଦିନେ ଜନସ୍ୱାସ୍ଥ୍ୟ ବିଭାଗ ପାଣି ଦେଇପାରୁ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । କତାଲଗୁଡାଠାରେ ୮ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ରହିଥିଲେ ମଧ୍ୟ ତାହା ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନାହିଁ । ପାଣି ପାଇଁ ସହରବାସୀଙ୍କୁ ଡହଳବିକଳ ପରିସ୍ଥିତି ଭୋଗିବାକୁ ପଡୁଛି । ତ୍ରୁଟିପୂର୍ଣ୍ଣ ପ୍ରକଳ୍ପ ପାଇଁ ଲୋକ ପାଣି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ବିଭିନ୍ନ ସମୟରେ ଲୋକମାନେ ପାଣି ପାଇଁ ପ୍ରତିବାଦ କଲେ କିଛି ଦିନ ସମସ୍ୟାର ସମାଧାନ ହେଉଛି । ତାପରେ ଯଥା ପୂର୍ବଂ ତଥା ପରଂ ସ୍ଥିତି ହେଉଛି । ସ୍ଥାୟୀ ପ୍ରତିକାର କରାଯାଉନାହିଁ । ବିଭିନ୍ନ ଆଳ ଦେଖାଇ ଜନସ୍ୱାସ୍ଥ୍ୟ ବିଭାଗ ଲୋକଙ୍କୁ ପାଣି ଯୋଗାଣ କରୁନାହିଁ । ଏନେଇ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା । ପାନୀୟ ଜଳଯୋଗାଣରେ ଅବହେଳା କରିବା ଅଭିଯୋଗରେ ଜନସ୍ୱାସ୍ଥ୍ୟ ସହକାରୀ ଯନ୍ତ୍ରୀଙ୍କ ନାମରେ ଉପଜିଲାପାଳ ଅମ୍ରିତ ରତୁରାଜ ଏକ ମାମଲା ରୁଜୁ କରିଥିଲେ । ଗତ ୨୪ ତାରିଖ ସୁଦ୍ଧା ଲୋକଙ୍କ ସମସ୍ୟାର ସମାଧାନ କରନ୍ତୁ । ୨୫ ତାରିଖରେ ଉପଜିଲାପାଳଙ୍କ କୋର୍ଟରେ ହାଜର ହୋଇ କଣ ପଦକ୍ଷେପ ନେଇ ହେବ ଏବଂ ଲୋକ କିପରି ଠିକ ଭାବେ ଦୁଇ ଓଳା ପାଣି ପାଇବେ ସେନେଇ ଜବାବ ଦାଖଲ କରିବେ । ଯଦି ସେ କୌଣସି ସନ୍ତୋଷଜନକ ଉତ୍ତର ନ ରଖନ୍ତି ଏବଂ ଲୋକେ ପାଣି ପାଇବାରୁ ବଞ୍ଚିତ ହୁଅନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ରତୁରାଜ ଜନସ୍ୱାସ୍ଥ୍ୟ ବିଭାଗକୁ ନୋଟିସ ଜାରି କରିଛନ୍ତି ।


ଜବତ ମଦ ସହ ଗିରଫ ୩ ଅଭିଯୁକ୍ତ ।

## ମଦ ଜବତ, ୩ ଗିରଫ

ରାୟଗଡା ଅଫିସ୍, ୨୨।୯

ରାୟଗଡା ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଡ଼ାଉ କରାଯାଇ ମଦ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ରାୟଗଡା ଥାନା ଅନ୍ତର୍ଗତ କଡାପାଡି ଗ୍ରାମର ଶିବା ପିଡିକା, ନିଳାମ୍ବର କୁଲେସିକା ଏବଂ ଅଟୋ ଡ୍ରାଇଭର ହାଟସାଙ୍କେଶ ଗ୍ରାମର ଭାସ୍କର କୁଲେସିକା । ଉକ୍ତ ୩ ଜଣ ଏକ ଅଟୋ (ନମ୍ବର ଓଡି. ୧୮.ଏ-୭୫୭୬)ରେ ୪୦ଲିଟର ମହୁଲି ମଦ ନେଇ ଯାଉଥିଲେ। ରାୟଗଡା ତାରିଣୀ ମା' ମନ୍ଦିର ନିକଟରେ ଅବକାରୀ ମୋବାଇଲ ସ୍କ୍ୱାଡ଼ ଉକ୍ତ ଅଟୋକୁ ଅଟକାଇ ଯାଞ୍ଚ କରିଥିଲେ । ସେଥିରେ ମଦ ଜବତ କରିବା ସହ ଉକ୍ତ ୩ ଜଣଙ୍କୁ ଗିରଫ କରିଥିଲେ । ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ରାୟଗଡା ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ରାୟଗଡା ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡର ସବ୍‌ଇନ୍ସପେକ୍ଟର ଉତ୍ତମ କୁମାର ବେହେରା, ଅବକାରୀ ସହ ଉପନିରୀକ୍ଷକ ଦିନବନ୍ଧୁ ସିରା, କନଷ୍ଟେବଲ ସନ୍ନ୍ୟାସୀ ହିଆଲ, ସୁଶାନ୍ତ କୁମାର ପାତ୍ର, କୁମାରୀ ମେଲେକା, ଇପିଲି ଲଛମନ ରାଓ, କିଶୋର ଚନ୍ଦ୍ର ବିଡିକା ଏବଂ ପ୍ରାତୁରୀ କିଶୋର ଏହି ଚଡ଼ାଉରେ ସାମିଲ୍ ହୋଇଥିଲେ ।

■ବିକାଶ ପରିଷଦର ଧାରଣା ୬ଷ୍ଠ ଦିନରେ

## ସାମିଲ ହେଲେ କଂଗ୍ରେସ ନେତୃବୃନ୍ଦ


ଜିଲା ବିକାଶ ପରିଷଦ ପକ୍ଷରୁ ଦିଆଯାଇଥିବା ଧାରଣା ।

ରାୟଗଡା ଅଫିସ,୨୨।୯

୫ ଦଫା ଦାବି ନେଇ ରାୟଗଡା ଜିଲା ବିକାଶ ପରିଷଦ ପକ୍ଷରୁ ଚାଲିଥିବା ଧାରଣା ଶନିବାର ଷଷ୍ଠ ଦିନରେ ପହଞ୍ଚିଛି। ଏହାକୁ ସମର୍ଥନ ଜଣାଇ ରାୟଗଡା ଜିଲା କଂଗ୍ରେସର ଦଳୀୟ ନେତୃବୃନ୍ଦ ଧାରଣାରେ ସାମିଲ ହୋଇଥିଲେ । ଜିଲା ବିକାଶ ପରିଷଦର ଜିଲା ଆବାହକ ପ୍ରଦୀପ କୁମାର ଦାସ, ବୋମାଲି କାନ୍ତା ରାଓ, ଜେମ୍ସ ଶବରଙ୍କ ନେତୃତ୍ୱରେ ପରିଷଦର ସଦସ୍ୟ ଓ ନେତୃବୃନ୍ଦ ରାୟଗଡା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ପ୍ରଦେଶ କଂଗ୍ରେସ କମିଟିର ସାଙ୍ଗଠନିକ ସମ୍ପାଦକ ଆପଲ ସ୍ୱାମୀ କାଡ୍ରାକା, ଜିଲା କଂଗ୍ରେସ କନ୍ଦଳର ଉପସଭାପତି ଶଙ୍କର୍ଷଣ ମଙ୍ଗରାଜ, କାଶୀପୁର ବ୍ଲକ ସଭାପତି ମକରନ୍ଦ ମୁଦୁଲୀ, ଟାଉନ୍ ସଭାପତି ଚେଲ୍ଲା ରାଓ, ବାପି ପଟ୍ଟନାୟକ, କେ. ରୋହିତ କୁମାରଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ବିକାଶ ପରିଷଦ ପକ୍ଷରୁ କରାଯାଇଥିବା ଦାବିଗୁଡିକ ସରକାର ତୁରନ୍ତ ପୂରଣ କରିବା ଉଚିତ ବୋଲି ପ୍ରଦେଶ କଂଗ୍ରେସ କମିଟି ସଂଗଠନ ସମ୍ପାଦକ ଆପଲ ସ୍ୱାମୀ କାଡ୍ରାକା କହିଛନ୍ତି। ଏଥିରେ ବମାଲି କାନ୍ତାରାଓ, ଆର. ସାବିତ୍ରୀ, ଏସ୍. ଲକ୍ଷ୍ମୀ, ଜି. ସନ୍ଧ୍ୟାରାଣୀ, ସାରଲିଙ୍ଗି ପ୍ରସାଦ ରାଓ, ରୀତାଲ ବାଲାମି, ମନୋଜ କୁମାର ସାହୁ, ସରୋଜ କୁମାର ସାହୁ, ସନ୍ତୋଷ ଦଳେଇ, ସୁରେଶ ଦାସଙ୍କ ସମେତ ରାୟଗଡା ସହରର ବହୁ ମହିଳା ଓ ପୁରୁଷ ଧାରଣାରେ ବସିଥିଲେ ।

## ମାଣିକେଶ୍ୱରୀ ଯାତ୍ରା ଆରମ୍ଭ

ଚନ୍ଦ୍ରପୁର,୨୨।୯(ଡ଼ି.ଏନ.ଏ)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡାଠାରେ ଗୁରୁବାର ରାତି ୮ଟାରେ ବାଲିଯାତ୍ରା ରୂପେ ପ୍ରସିଦ୍ଧ ମା ମାଣିକେଶ୍ୱରୀ ଯାତ୍ରାର ଶୁଭାରମ୍ଭ ହୋଇଛି । ଏହି ଯାତ୍ରା ଦୀର୍ଘ ୧୨ଦିନ ଧରି ଚାଲିବ । ସମାପନ ଦିନ ମା ମାଣିକେଶ୍ୱରୀ ସ୍ୱୟଂ ପ୍ରସନ୍ନ ହୋଇ ହଜାର ହଜାର ଭକ୍ତମାନଙ୍କୁ ଦେଖାଦେଇ ମନସ୍କାମନା ପୂର୍ଣ୍ଣ କରିଥାନ୍ତି । ଉକ୍ତ ଦିନ କଣ୍ଟାଦୋଳିରେ ଝୁଲିବା ସହ ନିଆଁରେ ଚାଲିଥାନ୍ତି । ଏଥିପାଇଁ ଜିଲାରୁ ବହୁ ଭକ୍ତଙ୍କ ସମାଗମ ହୋଇଥାଏ । ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଗୁରୁବାର ମାଣିକେଶ୍ୱରୀଙ୍କ ମୁଖ୍ୟପୂଜକ ଗଙ୍ଗାଧର ପାତ୍ର, ଆନନ୍ଦ ପାତ୍ର, ଚକା ପୂଜାରୀ, ଦଇତାରୀ ବ୍ରହ୍ମା, ବିନୋଦ ଦଣ୍ଡସେନାଙ୍କ ସହ ଗ୍ରାମର ଯୁବକମାନେ ସ୍ଥାନୀୟ ବଂଶଧାରା ନଦୀରୁ ବାଲି ସଂଗ୍ରହ ସହ ବିଭିନ୍ନ ପୂଜାପାଠ କରି ମା ମାଣିକେଶ୍ୱରୀଙ୍କୁ ଆହ୍ୱାନ କରିଥାନ୍ତି। ମୁଖ୍ୟପୂଜକ ପାତ୍ରଙ୍କୁ ବହୁ ପୂଜାପାଠ ପରେ ପ୍ରତ୍ୟେକ୍ଷ ଭାବେ ମାଣିକେଶ୍ୱରୀ ପ୍ରସନ୍ନ ହୋଇ ଆଞ୍ଚଳିକ ବାଦ୍ୟ, କୀର୍ତ୍ତନ କରି ମା'ଙ୍କ ବେଶରେ ପୂଜକ ନୃତ୍ୟ କରି ଗ୍ରାମର ବାଲିଘରକୁ ଆସି ପୂଜା ପାଇଥାନ୍ତି ।

ଏହା ପରେ ପୂଜକ ବିଭିନ୍ନ ଦେବାଦେବୀଙ୍କୁ ସ୍ମରଣ କରି ନୃତ୍ୟ କରିଥାନ୍ତି । ଏହା ଦେଖିବା ପାଇଁ ବିଭିନ୍ନ ଗ୍ରାମର ଭକ୍ତଙ୍କ ଭିଡ ଦେଖିବାକୁ ମିଳେ ବୋଲି କମିଟିର ମୁଖ୍ୟ କବିରାଜ ପାତ୍ର କହିଛନ୍ତି । ଏବର୍ଷ ଯାତ୍ରାର ଶେଷଦୁଇଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଯାତ୍ରା କମିଟିର ପଞ୍ଚଦ ଦଣ୍ଡସେନା, ଦୟାନିଧି ପାତ୍ର ପ୍ରମୁଖ କହିଛନ୍ତି ।

## କଲେଜର ସମସ୍ୟା ଜଣାଇଲେ ଛାତ୍ରୀ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

ରାୟଗଡା ଅଫିସ୍, ୨୨।୯

ରାୟଗଡା ମହିଳା ମହାବିଦ୍ୟାଳୟରେ ଅଭିଭାବକ, ଅଧ୍ୟାପକ ଏବଂ ଛାତ୍ରୀମାନଙ୍କର ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷା ସୁଷମା ଦାସ ପୌରୋହିତ୍ୟ କରିଥିଲେ । ଶିକ୍ଷାବିତ୍ ଡା. ଦୁଷ୍ମନ୍ତ କୁମାର ମହାନ୍ତି ଓ ମଞ୍ଜୁଶ୍ରୀ ମୁଖାର୍ଜୀ ଯୋଗ ଦେଇ ଦିଗ୍‌ଦର୍ଶନ କରିଥିଲେ। ଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରେରଣା ଦେବାପାଇଁ ଅଭିଭାବକମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ଗୋଲକ ନାୟକ, ମହେନ୍ଦ୍ର ନାୟକ, ସଞ୍ଜୁକ୍ତା ସାହୁଙ୍କ ସମେତ ପ୍ରାୟ ୫୦ଜଣରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇଥିଲେ । ଏଥିରେ ଛାତ୍ରୀ ବିନିତା ସାହୁ, ତନଭି ଅଗ୍ରୱାଲ, ଗୁପ୍ତେଶ୍ୱରୀ ନାୟକ ଅଂଶଗ୍ରହଣ କରି ମହାବିଦ୍ୟାଳୟର ବିଭିନ୍ନ ସୁବିଧା ଓ ଅସୁବିଧା ବିଷୟରେ ଆଲୋଚନା କରିଥିଲେ । ଅଧ୍ୟାପିକା ଡା. ଅର୍ଚ୍ଚନା ପଟ୍ଟନାୟକ ସଂଯୋଜନା କରିଥିଲେ । ଅଧ୍ୟାପିକା ରେବା ପାତ୍ର, ଗୀତାଞ୍ଜଳି ପାତ୍ର, ରଘୁନାଥ ଭୋଇ, ଯୋଗମାୟା ମିଶ୍ର, ନିହାରବାଳା ପଣ୍ଡା, ଦେବେଶ କୁମାର ମିଶ୍ର, ପ୍ରତିମା ପଣ୍ଡା, ସୋନାଲି ବିଶ୍ୱାସ ଅଂଶଗ୍ରହଣ କରିଥିଲେ । ଶେଷରେ ଡା. ସରିତା ମିଶ୍ର ଧନ୍ୟବାଦ ଦେଇଥିଲେ ।

## ସାନ ନଦୀ ବ୍ରିଜ ରାସ୍ତାରେ ଧସିଲା ମାଟି, ପଥର

ଗୁଣପୁର,୨୨।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସହରର ସାନନଦୀ ବ୍ରିଜ ନିକଟ ରାସ୍ତାରେ ମାଟି ଓ ପଥର ଧସିଥିବା ଦେଖିବାକୁ ମିଳିଛି। ବ୍ରିଜ୍‌ର ଆପ୍ରୋଚ ରୋଡ ରାସ୍ତାରେ ଏହି ମାଟି ଓ ପଥର ଖସିଛି। ଗୁଣପୁର-ପଦ୍ମପୁର ରାସ୍ତାର ଲିମାମେଡାସ୍ଥିତ ସାନନଦୀ ବ୍ରିଜର ଅପ୍ରୋଚ ରୋଡର ରାସ୍ତା ପାର୍ଶ୍ୱରେ ମାଟି ଖସୁଥିବାରୁ ପଥଚାରୀ ଓ ଗାଡ଼ି ଚାଳକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତୁରନ୍ତ ପ୍ରଶାସନ ପକ୍ଷରୁ ରାସ୍ତା ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି।


ସାନ ନଦୀ ଆପ୍ରୋଚରୋଡ ପାର୍ଶ୍ୱରେ ମାଟି ଏବଂ ପଥର ଖସିଛି ।

## ଅବହେଳିତ ଅବସ୍ଥାରେ ଟିକିରି ପ୍ରାଥମିକ ବିଦ୍ୟାଳୟ

ଟିକିରି,୨୨।୯(ଡ଼ି.ଏନ.ଏ)

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ରହିଛି ଟିକିରି ପ୍ରାଥମିକ ବିଦ୍ୟାଳୟ । ୧୮୮୮ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ୩୫୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ହେଲେ ଆବଶ୍ୟକ ଶିକ୍ଷକ ନ ଥିବାରୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ଏହା ଅବହେଳିତ ଅବସ୍ଥାରେ ରହିଛି । ମରାମତି ଅଭାବରୁ ଶ୍ରେଣୀଗୃହଗୁଡ଼ିକ ଦୁର୍ବଳ ହୋଇଗଲାଣି । ସାମାନ୍ୟ ବର୍ଷା ହେଲେ ସ୍କୁଲ ପରିସରରେ ପାଣି ଜମି ରହୁଛି । ଫଳରେ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଶ୍ରେଣୀଗୃହକୁ ଯିବା ଆସିବା ନେଇ ଏକ ର୍‍ୟାମ୍ପ ନିର୍ମାଣ କରାଯାଇଥିଲା । ହେଲେ ଏଥିରେ ସିମେଣ୍ଟ କଂକ୍ରିଟ ବାହାରି ଗାତ ସୃଷ୍ଟି ହୋଇଛି । ଶନିବାର ସକାଳେ ଏହି ଗାତରେ ପଡ଼ି ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ କୃସୁମାଞ୍ଜଳୀ ପଣ୍ଡା ପଡ଼ି ଆହତ ହୋଇଛନ୍ତି । ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ପୂର୍ବରୁ ଏଠାରେ ପଡ଼ି ଜଣେ ଛାତ୍ର ସାଗର ମାଝି ମଧ୍ୟ ଆହତ ହୋଇଛନ୍ତି । ଆଜିର ଘଟଣା ପରେ ମାଟି, ପଥର ପକାଇ ଏହାକୁ ମରାମତି କରାଯାଇଛି । ଦୁଇମାସ ତଳେ ରାୟଗଡ଼ା ଡ଼ିଇଓ କାଶୀପୁର ଗସ୍ତରେ ଆସିଥିବାବେଳେ ଗ୍ରାମାବସୀ ଡ଼ାକି ନେଇ ଉକ୍ତ ବିଦ୍ୟାଳୟ ବୁଲି ଦେଖାଇଥିଲେ । ତଥାପି ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ବିଦ୍ୟାଳୟ ଜୀବନର ସ୍ମୃତି ବଖାଣିଲେ ପୁରାତନ ଛାତ୍ରୀଛାତ୍ର

ଜେକେପୁର,୨୨।୯(ଡି.ଏନ.ଏ)

ରାୟଗଡା ଜିଲା ଚାନ୍ଦିଲି ପଞ୍ଚାୟତର ଜେକେପୁରସ୍ଥିତ ଲକ୍ଷ୍ମୀପତ ସିଂଘାଣିଆ ହାଇସ୍କୁଲର ୧୯୯୦ ମସିହା ବ୍ୟାଚର ବନ୍ଧୁମିଳନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଶିକ୍ଷକ ପ୍ରଦୀପ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ଶର୍ମା ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ମହାପାତ୍ର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ମୋ ସ୍କୁଲ ଅଭିଯାନରେ ସାମିଲ ହେବାକୁ ପ୍ରୋତ୍ସାହିତ କରିଥିଲେ। ଶିକ୍ଷକ ନାୟକ ମୋ ସ୍କୁଲ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ । ପୁରାତନ ଛାତ୍ରୀଛାତ୍ରମାନେ ନିଜ ସ୍କୁଲ ଜୀବନର ସ୍ମୃତି ବଖାଣିବା ସହ ମିଳିତ ଭାବେ ବିଦ୍ୟାଳୟର ବିକାଶ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ସମୀର କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।


ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପୁରାତନ ଛାତ୍ରୀଛାତ୍ର ।

# ବିପଦ ସାଜିଛି ରାଜପଥ ପାର୍ଶ୍ୱସ୍ଥ ଗଛ

ଜେକେପୁର, ୨୨।୯(ଡି.ଏନ.ଏ)

ରାୟଗଡା ଜିଲା ଦେଇ ଯାଇଥିବା ୩୨୬ନମ୍ବର ଜାତୀୟ ରାଜପଥର ରାୟଗଡା-ଜେକେପୁର ମଧ୍ୟରେ ଥିବା କୁମୁଟିପେଣ୍ଠ ଗ୍ରାମର ରାସ୍ତା ପାର୍ଶ୍ୱସ୍ଥ ମା ତୁଳସୀ ହୋଟେଲ ସମ୍ମୁଖରେ ଦୀର୍ଘ ବର୍ଷରୁ ୩ଟି ବଡ ଗଛ ଶୁଖିଲା ଅବସ୍ଥାରେ ରହିଛି। ସାମାନ୍ୟ ବର୍ଷା ପବନରେ ଗଛରୁ ବଡ ଶୁଖିଲା ଡାଳ ଭାଙ୍ଗି ରାସ୍ତା ଉପରେ ପଡୁଥିବାରୁ ବିଭିନ୍ନ ସମୟରେ ଅନେକ ଦୁର୍ଘଟଣା ଘଟୁଛି। ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଶହଶହ ଯାନବାହନ ଯାତାୟାତ ହେଉଥିବା ବେଳେ କେତେବେଳେ ଡାଳ କିମ୍ବା ଗଛ ପଡ଼ି ଦୁର୍ଘଟଣା ଘଟିବ ତାହା କହିହେବ ନାହିଁ। ଏହି ଗଛ ପାଖରେ ଛୋଟବଡ଼ ଦୋକାନ ରହିବା ସହ ଅନେକ ଗ୍ୟାରେଜ ରହିଛି । ତେଣୁ ଗ୍ୟାରେଜକୁ ବସ,ଟ୍ରକ, କାର ଆଦି ମରାମତି ପାଇଁ ଆସୁଥିବା ବେଳେ ଡ଼ାଳ ପଡ଼ି ଗାଡ଼ି ନଷ୍ଟ ହେଉଛି । ଏମିତି କି ଲେକେ ଆହତ ମଧ୍ୟ ହେଉଛନ୍ତି । ଗଛ କାଟିଦେବା ପାଇଁ ଅନେକ ଥର ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା ପଦକ୍ଷେପ ନିଆଯାଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା ରିହାଜ ଖାନ, ସୋମେଶ ପ୍ରଧାନ, ହେଲିଙ୍ଗ ପ୍ରସାଦଙ୍କ ସମେତ ଅନ୍ୟ ଦୋକାନ ମାଲିକମାନେ ଅଭିଯୋଗ କରିଛନ୍ତି। ଏଥିଯୋଗୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ରାୟଗଡା ରେଞ୍ଜର ପ୍ରଭାକର ସେନାପତିଙ୍କୁ ପଚାରିବାରୁ, ନିୟମାନୁଯାୟୀ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଯଦି କିଛି ଲିଖିତ ଚିଠି ଗଛ କାଟିବା ପାଇଁ ବନ ବିଭାଗକୁ ଦିଆଯାଏ ତାହେଲେ ପଦ୍ଧତି ମାଧ୍ୟମରେ ଡିଏଫଓଙ୍କୁ ଜଣାଇ କର୍ପୋରେଶନ ଜରିଆରେ ଗଛଗୁଡ଼ିକୁ କାଟି ଦିଆଯିବ। ଅନ୍ୟପକ୍ଷେ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ କୌଣସି ଲିଖିତ ଅଭିଯୋଗ ପତ୍ର ପାଇଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜାତୀୟ ରାଜପଥ ରାୟଗଡା ଡିଭିଜନର ଏସଡିଓ ପ୍ରକାଶ କରିଛନ୍ତି।


ରାସ୍ତାକଡ଼ରେ ଥିବା ଶୁଖିଲା ଥୁଣ୍ଟା ଗଛ ।